# ସତ୍ୟବାଣୀ

# VOICE OF TRUTH

**VOL - XXIX    KAKINADA    MAY-JUN-2023**


## ଆମ୍ଭେମାନେ ସ୍ୱର୍ଗର ପ୍ରଜା

### (Our Citizenship is in Heaven)

ପ୍ରେରିତ ପାଉଲ ଫିଲିପୀୟ ଖ୍ରୀଷ୍ଟିୟାନମାନଙ୍କ ଆତ୍ମୀୟ ବିଷୟରେ ଆସକ୍ତ ହୋଇ ରହିବାକୁ ଉତ୍ସାହିତ କରନ୍ତି । ସେ ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ସଦୃଶ୍ୟ, ସେଠାସ୍ଥିତ ଖ୍ରୀଷ୍ଟିୟାନମାନଙ୍କୁ ତାହାଙ୍କୁ ଅନୁସରଣ କରିବା ନିମନ୍ତେ ଆଜ୍ଞା ଦିଅନ୍ତି । (ଫିଲିପୀୟ ୩:୧୪-୧୭) ''କାରଣ ଏପରି ଅନେକ ଅଛନ୍ତି, ଯେଉଁମାନଙ୍କର ଆଚରଣ ବିଷୟରେ ମୁଁ ତୁମ୍ଭମାନଙ୍କୁ ଥରକୁ ଥର କହିଅଛି, ଆଉ ବର୍ତ୍ତମାନ କାନ୍ଦି କାନ୍ଦି କହୁଅଛି । ସେମାନେ ଖ୍ରୀଷ୍ଟଙ୍କ କ୍ରୁଶର ଶତ୍ରୁ; ସେମାନଙ୍କ ପରିଣାମ ବିନାଶ, ଉଦର ସେମାନଙ୍କର ଦେବତା ସେମାନେ ଆପଣା ଆପଣା ଇଚ୍ଛାକୁ ଦର୍ପର ବିଷୟ ମନେ କରନ୍ତି, ପୁଣି ପାର୍ଥିବ ବିଷୟଗୁଡ଼ିକରେ ଆସକ୍ତ ଅଟନ୍ତି ।'' (୩:୧୮-୧୯) ଆମ୍ଭେମନେ କାହିଁକି ଭୌତିକ ବିଷୟରେ ଆସକ୍ତ ନ ରହି ଆତ୍ମିକ ବିଷୟରେ ଆସକ୍ତ ରହୁ ? ଆମ୍ଭେମାନେ ତ ଏହି ଜଗତରେ ଜୀବନଯାପନ କରୁଅଛୁ ।

ଆମ୍ଭେମାନେ ଆତ୍ମିକ ବିଷୟରେ ଆସକ୍ତ ରହୁ କାରଣ ଆମ୍ଭେମାନେ ସ୍ୱର୍ଗର ପ୍ରଜା । ଆମ୍ଭମାନଙ୍କ ନାଗରିକତ୍ୱ ସ୍ୱର୍ଗରେ ଅଛି । ଫିଲିପି, ମାକିଦନିଆର ଏକ ପ୍ରଧାନ ନଗର ଓ ରୋମୀୟ ଉପନିବେଶ । ସେମାନଙ୍କ ନାଗରିକତ୍ୱ ସେମାନଙ୍କ ଗର୍ବର କାରଣ ଥିଲା । ରୋମୀୟ ପ୍ରଜା ଭାବେ ସେମାନଙ୍କର ଅନେକ କର୍ତ୍ତବ୍ୟ ଓ ସୁଯୋଗ ଥିଲା । ରୋମୀୟ ନାଗରିକମାନେ ରୋମ ସାମ୍ରାଜ୍ୟର ନିୟକାନୁନର ଅଧିନସ୍ଥ ଥିଲେ। ରୋମୀୟ ପ୍ରଜାମାନେ ରୋମୀୟ ସାମ୍ରାଜ୍ୟର ପ୍ରଥା, ସଂସ୍କୃତି ଅନ୍ୟମାନଙ୍କ ନିକଟରେ ପ୍ରଚାର କରୁଥିଲେ । ଯେକୌଣସି ପ୍ରଜା ଯେକୌଣସି ସ୍ଥାନରୁ ମଧ୍ୟ ସାହାଯ୍ୟ ମାଗିବା ନିମନ୍ତେ ସୁଯୋଗ ଥିଲା ।ପ୍ରେରିତ ପାଉଲ ସହିତ ଦୁର୍ବବ୍ୟହାର କରିବା ସମୟରେ ଏହି ସୁଯୋଗର ଦୁଇଥର ସତ୍‌ବ୍ୟବହାର  କରିଥିଲେ । ଯଦିଓ ରୋମୀୟ ନାଗରିକତ୍ୱ ସୌଭାଗ୍ୟର ବିଷୟ, ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ସେମାନଙ୍କ ନାଗରିକତ୍ୱ ଶ୍ରେଷ୍ଠତର ନାଗରିକତ୍ୱ ସ୍ୱର୍ଗରେ ଅଛି ବୋଲି ୩:୨୦ ପଦରେ କହିଅଛନ୍ତି । ଆମ୍ଭମାନଙ୍କୁ ଅର୍ଥାତ୍ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଏହି ପୃଥିବୀ ନିତ୍ୟସ୍ଥାୟୀ ଗୃହ ନୁହେଁ । ଆମ୍ଭେମାନେ ଏହି ପୃଥିବୀରେ 'ବିଦେଶୀ' ଓ 'ପ୍ରବାସୀ' ଅଟୁ । ଆମ୍ଭେମାନେ କାହିଁକି ଏହି ଭୌତିକ ଗୁଡ଼ିକରେ ଆସକ୍ତ ରହୁଅଛୁ ?

ପ୍ରେରିତ ପାଉଲ ଆମ୍ଭେମାନେ ସ୍ୱର୍ଗରୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କ ଆଗମନର ଅପେକ୍ଷାରେ ଅଛୁ । ଯୀଶୁ ଆପଣା ମଣ୍ଡଳୀ ନିମନ୍ତେ ପୃଥିବୀକୁ ଫେରି ଆସିବେ ବୋଲି ପ୍ରତିଜ୍ଞା କରିଅଛନ୍ତି । ତାହାଙ୍କ କ୍ରୁଶୀୟ ମୃତ୍ୟୁର କିଛି ସମୟ ପୂର୍ବେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ''ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।'' (ଯୋହନ ୧୪:୩) ଯୀଶୁଖ୍ରୀଷ୍ଟ ସ୍ୱର୍ଗାରୋହଣ କରୁଥିବା ସମୟରେ ଏହି ବିଷୟ ଦୁଇ ଦୂତ ଶିଷ୍ୟମାନଙ୍କୁ ସ୍ମରଣ କରାଇଥିଲେ । (ପ୍ରେରିତ ୧:୧୧) ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ପୁନରାଗମନ ନିମନ୍ତେ ଅପେକ୍ଷାରେ ରହିଥିଲେ ।

ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ଆସକ୍ତି ସହ ଅପେକ୍ଷାରେ ରହିବାର ଅର୍ଥ କଅଣ ? ସର୍ବଦା ଆଣ୍ଠୁପାତି ପ୍ରାର୍ଥନା କରିବା ତାହାର ଅର୍ଥ ବୋଲି ଅନେକ ଭାବନ୍ତି । କିନ୍ତୁ ପ୍ରେରିତ ପାଉଲଙ୍କ ଲେଖନୀର ଅର୍ଥ ତାହା ନୁହେଁ । ସେ ଯୀଶୁଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ଅପେକ୍ଷାରେ ଥିଲେ, କିନ୍ତୁ ଦିବାରାତ୍ରି ଆଣଣ୍ଠୁପାତି ପ୍ରାର୍ଥନାରେ ନ ଥିଲେ । ତାହାଙ୍କ ଆଗମନର ଅର୍ଥ ଅତି ଆସକ୍ତି ସହ ତାହାଙ୍କ ଆଗମନ ନିମନ୍ତେ ପ୍ରସ୍ତୁତ ରହିବା । ତାହାଙ୍କ କାର୍ଯ୍ୟ ସମ୍ପନ୍ନ କରିବା ପ୍ରଭୁ ଯୀଶୁଖ୍ରୀଷ୍ଟ ମୁନିବଙ୍କ ଉଦାହରଣ ଦେଇ କହିଲେ, ''କାରଣ ବିଦେଶକୁ ଯାତ୍ରା କରୁଥିବା ଜଣେ ବ୍ୟକ୍ତି ଯେପରି ଆପଣା

ଦାସମାନଙ୍କୁ ଆହ୍ୱାନ କରି ସେମାନଙ୍କ ହସ୍ତରେ ନିଜର ସର୍ବସ୍ୱ ସମର୍ପଣ କଲେ, ସ୍ୱର୍ଗରାଜ୍ୟ ସେହିପରି । ସେ ଜଣକୁ ପାଞ୍ଚତୋଡ଼ା, ଅନ୍ୟକୁ ଦୁଇତୋଡ଼ା ଆଉ ଜଣକୁ ଏକତୋଡ଼ା,ସେହିପରି ପ୍ରତ୍ୟେକଙ୍କୁ ତାହାର ଶକ୍ତି ଅନୁସାରେ ଦେଇ ବିଦେଶକୁ ଯାତ୍ରା କଲେ । ଯେଉଁ ଜଣକ ପାଞ୍ଚତୋଡ଼ା ପାଇଥିଲା, ସେ ତତ୍‌କ୍ଷଣାତ୍ ତାହା ଘେନି ବ୍ୟବସାୟ କରି ପାଞ୍ଚ ତୋଡ଼ା ଲାଭ କଲା । ସେହି ପ୍ରକାରେ ସେ ଦୁଇଟି ପାଇଥିଲା, ସେ ଆଉ ଦୁଇଟି ଲାଭ କଲା, ମାତ୍ର ଯେ ଗୋଟିଏ ପାଇଥିଲା, ସେ ଯାଇ ମାଟି ଖୋଳି ଆପଣା ପ୍ରଭୁଙ୍କ ଟଙ୍କା ପୋତି ଲୁଚାଇ ରଖିଲା ।'' (ମାଥିଉ ୨୪:୧୪-୧୭) । ଏହି ଉଦାହରଣରେ ଯେଉଁ ଦୁଇବ୍ୟକ୍ତି ବ୍ୟବସାୟରେ ଲାଭ ପାଇଥିଲେ, ସେମାନେ ପୁରସ୍କୃତ ହେଲେ ଓ ତୃତୀୟ ବ୍ୟକ୍ତି ଦଣ୍ଡିତ ହେଲେ ।

ଆପଣ କି ଯୀଶୁଖ୍ରୀଷ୍ଟଙ୍କ ଆଗମନର ଅପେକ୍ଷାରେ ଅଛନ୍ତି ? କିଅବା ଏହି ଜଗତ କାର୍ଯ୍ୟକଳାପ, ଭୋଗବିଳାସ, ରୋଜଗାର, କ୍ରୀଡ଼ା ପ୍ରଭୃତି ବିଷୟରେ ନିମଗ୍ନ ହୋଇ ରହିଅଛନ୍ତି । ଯଦି ଯୀଶୁଖ୍ରୀଷ୍ଟ ଅପାଣଙ୍କୁ ଦର୍ଶନ ଦେଇ କହିବେ, ଯୀଶୁଖ୍ରୀଷ୍ଟ ଆସନ୍ତାକାଲି ପୃଥିବୀକୁ ଆଗମନ କରିବେ, ଅପାଣଙ୍କ ଉତ୍ତର କଅଣ ହେବ ? ପ୍ରେରିତ ଯୋହନଙ୍କ ସଦୃଶ୍ୟ, ''ଆମେନ୍, ହେ ପ୍ରଭୁ ଯୀଶୁ, ଆସନ୍ତୁ । (ପ୍ରେରିତ ୨୨:୨୦) ବୋଲି କି କହିପାରିବା ? କିଅବା, ''ପ୍ରଭୁ ମୋହର ଅନେକ କାର୍ଯ୍ୟ ଅନେକ ଯୋଜନା ଅଛି, ତାହା ସମ୍ପନ୍ନ କରିବା ପାଇଁ ସମୟ ଦିଅନ୍ତୁ ?'' ଯଦି ଆମ୍ଭେମାନେ ତାହାଙ୍କ ଆଗମନକୁ ଅପେକ୍ଷା କରୁଅଛୁ, ତେବେ ସେ ଶୀଘ୍ର ଆସିବାକୁ ଇଚ୍ଛା କରିବା !

ଆମ୍ଭେମାନେ କାହିଁକି ତାହାଙ୍କ ଆଗମନ ନିମନ୍ତେ ଅପେକ୍ଷା କରିବା ? ସେ ଆମ୍ଭମାନଙ୍କ କ୍ଷଣଭଙ୍ଗୁର, ଦୁର୍ବଳ ଶରୀରକୁ ଗୌରବମୟ ଶରୀର ରୂପେ ରୂପାନ୍ତରିତ କରିବେ ? ସେ ଶରୀର କିପରି ଶରୀର ଆମ୍ଭେମାନେ ଜାଣୁ ନାହିଁ , ''ମୃତମାନଙ୍କର ପୁନରୁଥାନ ମଧ୍ୟ ସେହି ପ୍ରକାରେ । କ୍ଷୟରେ ବୁଣାଯାଏ, ଅକ୍ଷୟ ହୋଇ ଉତ୍‌ଥିତ ହୁଏ । ଅନାଦରରେ ବୁଣାଯାଏ, ଅକ୍ଷୟ ହୋଇ ଉତ୍ଥିତ ହୁଏ । ଅନାଦରରେ ବୁଣାଯାଏ, ଗୌରବାନ୍ୱିତ ହୋଇ ଉତ୍ଥିତ ହୁଏ । ପ୍ରାକୃତିକ ଶରୀର ବୁଣାଯାଇ, ଗୌରବାନ୍ୱିତ ହୋଇ ଉତ୍ଥିତ ହୁଏ । ପ୍ରତି ପ୍ରାକୃତିକ ଶରୀର ଅଛି, ତେବେ ଆତ୍ମିକ ଶରୀର ସୁଦ୍ଧା ଅଛି ।'' (୧ମ କରିନ୍ଥୀ ୧୫:୪୨-୪୪) । ''ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ । ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।'' ( ୧ମ ଯୋହନ ୩:୨) । ସରଳ ଭାଷାରେ, ବର୍ତ୍ତମାନ ଯୀଶୁଖ୍ରୀଷ୍ଟଙ୍କ ଯେପରି ଶରୀର ଅଛି, ଆମ୍ଭେମାନେ ସେପରି ଶରୀର ପାଇବା । ଆମ୍ଭମାନଙ୍କ ସ୍ୱର୍ଗୀୟ ନାଗରିକତ୍ୱ ପାଇବାର ଅର୍ଥ, ଆମ୍ଭେମନେ ସ୍ୱର୍ଗୀୟ ଗୌରବମୟ ଶରୀର ଅର୍ଥାତ୍ ଯେଉଁ ଶରୀରକୁ କ୍ଷୁଧା ବା ଯନ୍ତ୍ରଣା ନ ଥିବ, ଏପରି ଶରୀରକୁ ପ୍ରତିଜ୍ଞା ଥିବାବେଳେ, ଆମ୍ଭେମାନେ ଏହି ଦୁର୍ବଳ, ରୋଗଗ୍ରସ୍ତ, କ୍ଷଣଭଙ୍ଗୁରରେ ଶରୀରରେ ବାସ କରିବାକୁ କାହିଁକି ଇଚ୍ଛା କରୁଅଛୁ ? ଆମ୍ଭମାନଙ୍କ ଏହି କ୍ଷୀଣ ଶରୀର ସ୍ୱର୍ଗରେ ନିବାସ କରିବା ଅଯୋଗ୍ୟ । କିନ୍ତୁ ସଦାପ୍ରଭୁ ଆମ୍ଭମାନଙ୍କ ଶରୀରକୁ ଏପରି ଭାବେ ରୂପାନ୍ତରିତ କରିବେ ଯେ, ତାହା ସ୍ୱର୍ଗରେ ନିବାସଯୋଗ୍ୟ ହେବ ।

ନିତ୍ୟ ସତ୍ୟ ବିଷୟ ଜାଣିବା ପରେ, ଆପଣଙ୍କ ମନ ଭାବ କଅଣ ? ଏହି ଅସ୍ଥିର କ୍ଷଣସ୍ଥାୟୀ ସଂସାରକୁ ପ୍ରେମ ନ କରୁ । ଆମ୍ଭେମାନେ ସଦାସର୍ବଦା ସ୍ୱର୍ଗୀୟ ନିବାସୀ ହେବା ନିମନ୍ତେ ମନୋଯୋଗ ହେଉ । ସୁଖମୟ ଜୀବନ ହେଉ ବା ଦୁଃଖମୟ ଜୀବନ ହେବା ସଦାସର୍ବଦା ସ୍ୱର୍ଗୀୟ ବିଷୟରେ ଆସକ୍ତି ରହୁ । କାରଣ ଏହି ଜଗତ ଆମ୍ଭମାନଙ୍କ ଚିରସ୍ଥାୟୀ ନଗର ନୁହେଁ । ସ୍ୱର୍ଗୀୟ ବିଷୟରେ ଆସକ୍ତ ରହୁ । କାରଣ ଏହି ଜଗତ ଆମ୍ଭମାନଙ୍କ ଚିରସ୍ଥାୟୀ ନଗର ନୁହେଁ । ସ୍ୱର୍ଗୀୟ ବିଷୟ ଭାବନା, ଭରସା ଆମ୍ଭମାନଙ୍କୁ ପ୍ରୋତ୍ସାହିତ କରେ । ଅପାଣଙ୍କ ମନ କେଉଁଠାରେ ?

**- Jerry Bates**

# ଈଶ୍ୱର ହୃଷ୍ଟଚିତ୍ତଦାତାଙ୍କୁ ଭଲ ପାଆନ୍ତି
**(God loves a cheerful lover)**

ପ୍ରେରିତ ୨୦:୧୫ ପଦରେ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଉଲ୍ଲେଖ କରି କୁହାଯାଏ, ଏହି ପ୍ରକାରେ ପରିଶ୍ରମ କରି ଦୁର୍ବଳ ମାନଙ୍କୁ ସାହାଯ୍ୟ କରିବା, ପୁଣି ''ଗ୍ରହଣ କରିବା ଅପେକ୍ଷା ଦାନ କରିବା ଅଧିକ ଶ୍ରେୟସ୍କର, ପ୍ରଭୁ ଯୀଶୁ ସ୍ୱୟଂ ଏହି ଯେଉଁ କଥା କହିଅଛନ୍ତି, ଏହା ସ୍ମରଣ କରିବା ତୁମ୍ଭମାନଙ୍କର ଯେ ଉଚିତ।''(ପ୍ରେରିତ ୨୦:୩୫) ଈଶ୍ୱରଙ୍କ ବାକ୍ୟରେ ବେବର୍ତ୍ତା କାର୍ଯ୍ୟରେ ପ୍ରାଧାନ୍ୟତା ଦିଆଯାଏ। ଖ୍ରୀଷ୍ଟିୟାନ ଏକ ବେବର୍ତ୍ତା, ନିର୍ବାହକ, ସଂଚାଳକ, ତତ୍ତ୍ୱାବଧାରକ ରୂପେ ବର୍ଣ୍ଣନା କରାଯାଇଅଛି। ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏକ ବେବର୍ତ୍ତା। ବେବର୍ତ୍ତା କେବେ ବି ମୁନିବ ନୁହେଁ। ତାହାଙ୍କୁ ଯେଉଁ ଯେଉଁ କାର୍ଯ୍ୟ ନ୍ୟସ୍ତ କରାଯାଇଥାଏ, ତାହାର ଚାଳକ ତତ୍ତ୍ୱବଧାରକ। ଆମ୍ଭେମାନେ କିପରି ଭାବେ ବେବର୍ତ୍ତାର କାର୍ଯ୍ୟ କରୁଅଛୁ। ''ପୁଣି ସୁଯୋଗର ସଦ୍‌ବ୍ୟବହାର କର କାରଣ କାଳ ମନ୍ଦ ଅଟେ। (ଏଫିସୀ ୫:୧୬) (୧) କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ ତୁମ୍ଭର ମନ (୨) ପ୍ରତ୍ୟେକ ଜନ ଯେଉଁଠାରେ ଅନୁଗ୍ରହଦାନ (Talent) ସେହିପରି ପ୍ରକାରେ ଈଶ୍ୱରଙ୍କ ବହୁବିଧ ଅନୁଗ୍ରହର ଉତ୍ତମ ଭଣ୍ଡାରଘରିଆ ସ୍ୱରୂପେ ତଦ୍ୱାରା ପରସ୍ପରର ସେବା କର। (୧ମ ପିତର୪:୧୦) ଜୀବନର ପ୍ରତ୍ୟେକ ବିଷୟରେ ଭଣ୍ଡାରଘରିଆ କାର୍ଯ୍ୟ କରୁଛନ୍ତି। ଆତ୍ମିକ ଦାନ, ପରିବାର, ଧନ, ସମ୍ପଦ ପ୍ରଭୃତି। ହୃଷ୍ଟଚିତ୍ତ ଦାତାମାନଙ୍କ ନିମନ୍ତେ ସଞ୍ଚିତ ଆଶୀଷସକଳ:-

**(୧) ଦାନଦେବାର ସୁଯୋଗ :** ଗାଲିତୀ ଓ କରିନ୍ଥୀ ମଣ୍ଡଳୀମାନଙ୍କୁ ପ୍ରେରିତ ପାଉଲ ଅପାଣା ଆପଣା ସୁବିଧା ଓ ଅଭିବୃଦ୍ଧିନୁସାରେ ଦାନ ଦେବା ନିମନ୍ତେ ଆଜ୍ଞା ଦେଇଥିଲେ। (୧ମ କରିନ୍ଥୀ ୧୬:୧-୨) ଦାନ ଦେବା ବିଷୟରେ ପ୍ରେରିତ ପାଉଲ ଫିଲିପ ମଣ୍ଡଳୀକୁ ଲେଖନ୍ତି, ''.....ସେହିସବୁ ଈଶ୍ୱରଙ୍କ ନିକଟରେ ଦୃଷ୍ଟିଜନକ ସୁଗନ୍ଧି ନୈବେଦ୍ୟ ଓ ସୁଗ୍ରାହ୍ୟ ବଳିସ୍ୱରୂପ।'' (୪:୧୮)। ମାକଦନିଆର ମଣ୍ଡଳୀ ସମୂହ



ବିଷୟରେ ଲେଖନ୍ତି, ''ସେମାନେ ମହା କ୍ଳେଶ ରୂପ ପରୀକ୍ଷାରେ ପଡ଼ିଲେ ହେଁ ସେମାନଙ୍କର ମହାନନ୍ଦ ଭୀଷଣ ଦରିଦ୍ରତା ମଧ୍ୟରେ ସୁଦ୍ଧା ପ୍ରଚୁର ଭାବେ ଅସୀମ ବଦାନ୍ୟତା ଉତ୍ପନ୍ନ କରିଅଛି (......କାରଣ ଈଶ୍ୱର ହୃଷ୍ଟଚିତ୍ତଦାତାଙ୍କୁ ଭଲ ପାଆନ୍ତି।'' (୨ କରିନ୍ଥୀ ୯:୭)

**Promise : ଦାନୀମାନଙ୍କ ନିମନ୍ତେ ପ୍ରତିଜ୍ଞା :** ହୃଷ୍ଟଚିତ୍ତ ଦାନଦେବା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପ୍ରଚୁର ଆଶୀର୍ବାଦ ପ୍ରତିଜ୍ଞା କରାଯାଇଅଛି। (୨ କରିନ୍ଥୀ ୯:୬-୧୦)। **ବପନ :** (୬ତମ ପଦ) ଏକ ବୀଜ ପ୍ରଚୁର ବୀଜ ବପନ କରେ, କିନ୍ତୁ ପ୍ରଥମେ ତାହା ବପନ କରିବା ଆବଶ୍ୟକ। **ଯଥେଷ୍ଟ :** ଖ୍ରୀଷ୍ଟିୟାନମାନଙ୍କ ଦାନ ସେମାନଙ୍କ ଆଜୀବନ ପ୍ରଭାବିତ କରେ। (ମାଥିଉ ୬:୧୯-୩୪) **ବୀଜ :** ''ଆଉ ଯେ ବୀଜବପନକାରୀକୁ ବୀଜ ଓ ଭୋଜନ ନିମନ୍ତେ ଆହାର ଯୋଗାନ୍ତି, ସେ ବୁଣିବା ନିମନ୍ତେ ତୁମ୍ଭ ମାନଙ୍କୁ ବୀଜ ଯୋଗାନ୍ତି, ସେ ବୁଣିବା ନିମନ୍ତେ ତୁମ୍ଭମାନଙ୍କୁ ବୀଜ ଯୋଗାଇବେ ଓ ତାହା ବଢ଼ାଇବେ, ପୁଣି, ତୁମ୍ଭମାନଙ୍କ ଧାର୍ମିକତାର ଫଳ ବୃଦ୍ଧି କରିବେ।'' (୨ କରନ୍ଥୀ ୪:୧୦)

**Practice of Giving :** ଆମ୍ଭେମାନେ ଉଦ୍ଦେଶ୍ୟପୂର୍ବକ ଦାନ ଦେଉ, ଆପଣା ଆପଣା ଶକ୍ତିନୁସାରେ କିନ୍ତୁ ଶକ୍ତିର ବାହାର ନୁହେଁ (୮:୩) ଆମ୍ଭମାନଙ୍କ ଦାନ ସ୍ୱେଚ୍ଛାପୂର୍ବକ ହେଉ। (୮:୩୧)। ବାଧ୍ୟବାଧକତାରେ ନୁହେଁ। ସଦ୍‌ହୃଦୟ ସହ ଦାନ ଦେଉ।

**ସାରାଂଶ :** ଲୂକ ୬:୩୮ ମଲାଖି ୩:୧୬ ଓ ଆୟୁବ ୧:୨୦-୨୧ ପଦଗୁଡ଼ିକ ଦାନ ଦେବା ବିଷୟରେ ଅନେକ ସତ୍ୟତା ଜ୍ଞାତ ହୋଇପାରୁ। ଆୟୁବ ଅପାଣା ସର୍ବସ୍ୱ ଓ ସନ୍ତାନସନ୍ତତିମାନଙ୍କୁ ହରାଇଥିଲେ। ମସ୍ତକ ମଣ୍ଡନ କଲା ଓ ଭୂମିରେ ପଡ଼ି ପ୍ରଣାମ କଲା। ଆଉ, ସେ କହିଲା, ମୁଁ ମାତାର ଗର୍ଭରୁ ଉଲଙ୍ଗ ଆସିଅଛି ଓ ମୁଁ ଉଲଙ୍ଗ ହୋଇ ସେଠାକୁ ଫେରିଯିବି, ସଦାପ୍ରଭୁ ଦେଲେ ଓ ସଦାପ୍ରଭୁ ନେଇଅଛନ୍ତି, ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ। (ଆୟୁବ ୧:୨୦-୨୧) ସୁଖରେ କିଅବା ଦୁଃଖରେ ସେ ସଦାପ୍ରଭୁଙ୍କୁ ପରିତ୍ୟାଗ କଲେ ନାହିଁ।

**- Mark N. Posey**

***

# ଖ୍ରୀଷ୍ଟ କେନ୍ଦ୍ରୀଭୂତ ଧର୍ମପ୍ରଥା
## (A Christ -Central Religion)

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଧର୍ମପ୍ରଥାର କେନ୍ଦ୍ରବିନ୍ଦୁ । ସେ କେନ୍ଦ୍ରବିନ୍ଦୁ ଅଟନ୍ତି ଓ ସଦାକାଳ ରହିବା ଆବଶ୍ୟକ । ପ୍ରଥମ ଶତାବ୍ଦୀରେ ସେ କିପରି ଧର୍ମପ୍ରଥାର କେନ୍ଦ୍ରବିନ୍ଦୁ ଥିଲେ, ନିମ୍ନଲିଖିତ ବର୍ଣ୍ଣନାରେ ବର୍ଣ୍ଣନ କରାଯାଇଅଛି ।

**ସେ ବାର୍ତ୍ତା ଥିଲେ :** ଭକ୍ତ ସ୍ତିଫାନଙ୍କ ହତସାକ୍ଷୀ ହେବା ପରେ, ଯିରୁଶାଲମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ ଯିହୂଦା ପ୍ରଦେଶ ଓ ଶମିରୋଣ ଅଞ୍ଚଳ ସମୂହରେ ଛିନ୍ନଭିନ୍ନ ହୋଇଥିଲେ ''ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାର ବାକ୍ୟ ପ୍ରଚାର କଲେ ।'' (ପ୍ରେରିତ ୮:୧-୪) । କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରିତ ପାଉଲ ପ୍ରଚାର କରିଥିଲେ । (୧ମ କରିନ୍ଥୀ ୧:୨୩) । ସେ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ, ସମାଧି ଓ ପୁନଃରୁଥାନ ସୁବାର୍ତ୍ତା । ଯାହା ତାହାଙ୍କ ପ୍ରଚାରର ମୁଖ୍ୟ ବାର୍ତ୍ତା ଥିଲା। (୧ମ କରିନ୍ଥୀ ୧୫:୧-୪), ଆମ୍ଭମାନଙ୍କ ପ୍ରଚାରର ବିଷୟବସ୍ତୁ ହେଉ ।

**ତାହାଙ୍କ ଠାରେ ମନୁଷ୍ୟମାନେ ପରିବର୍ତ୍ତିତ ହୋଇଥିଲେ :**

ଆନ୍ତିୟଖିଆବାସୀମାନେ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବିଶ୍ୱାସ କରି, ପ୍ରଭୁଙ୍କ ପ୍ରତି ଫେରିଲେ ।'' (ପ୍ରେରିତ ୧୧:୨୧) ଥେସଲନୀକୀବାସୀମାନେ ପାଉଲଙ୍କ ପ୍ରଚାରରେ ''ଈଶ୍ୱରଙ୍କ ପ୍ରତି ଫେରିଥିଲେ ।''(୧ମ ଥେସଲନୀକୀ ୧:୯) । ବେଳେବେଳେ ଲୋକେ ପ୍ରଶ୍ନ କରନ୍ତି, ''ଆପଣ କେବେ ମଣ୍ଡଳୀର ସଭ୍ୟ ହୋଇଥିଲେ ?'' ଆମ୍ଭେମାନେ ବାପ୍ତିଜିତ ହୋଇ ମଣ୍ଡଳୀର ସଭ୍ୟ ହୋଇ, ତାହାଙ୍କ ଶରୀରର ଅଙ୍ଗ ହୋଇ ପାରିଅଛୁ । (ପ୍ରେରିତ ୨:୪୭) ପ୍ରକୃତରେ ''ଆପଣ କେବେ ଈଶ୍ୱରଙ୍କ ପ୍ରତି ଫେରିଲ ?'' ବୋଲି ପ୍ରଶ୍ନ କରିବା ଉଚିତ । ଜଣେ ଈଶ୍ୱରଙ୍କ ପ୍ରତି ଫେରି ତାହାଙ୍କ ସହିତ ସତ୍‌ସମ୍ବନ୍ଧ ସ୍ଥାପିତ କରେ । ତାହାଙ୍କ ନିକଟକୁ ପ୍ରତ୍ୟେକ ଫେରି ଆସିବା ଆବଶ୍ୟକ ।



**ଖ୍ରୀଷ୍ଟଙ୍କ ପ୍ରତି ଖ୍ରୀଷ୍ଟିୟାନମାନେ ଅନୁରକ୍ତ ଥିଲେ :**

ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଆସକ୍ତ ରହିବା ନିମନ୍ତେ ବର୍ଣ୍ଣବା ଆନ୍ତିୟଖିଆ ନୂତନ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିଥିଲେ । (ପ୍ରେରିତ ୧୧:୨୩) ସେ ଆମ୍ଭମାନଙ୍କ ରକ୍ଷାକର୍ତ୍ତା, ନେତା, ତାହାଙ୍କ ଅଧ୍ୟକ୍ଷତାରେ ଜୀବନଯାପନ କରୁ । ପିତା ପରମେଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଓ ତାହାଙ୍କ ଆଜ୍ଞାସକଳର ଅନୁଗତ ରହୁ । ଯଦି ଆମ୍ଭେମାନେ ତାହାଙ୍କ ବାକ୍ୟର ଅବିଶ୍ୱସ୍ତ ହେବାର ଅର୍ଥ, ଖ୍ରୀଷ୍ଟଙ୍କ ଅବିଶ୍ୱସ୍ତ ହେବା ।

**ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ କ୍ରୀତ :**

ଆନ୍ତିୟଖିଆବାସୀମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା କ୍ରୀତ ହୋଇଥିଲେ ବୋଲି ବାକ୍ୟରେ କୁହାଯାଇଅଛି । ଯୀଶୁ କହିଲେ, ''ମୋ ନିକଟକୁ ଆସ'' ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ବାର୍ତ୍ତାର ଓ ଜୀବନର କେନ୍ଦ୍ରବିନ୍ଦୁ ଖ୍ରୀଷ୍ଟଙ୍କ ବିନୁ ଖ୍ରୀଷ୍ଟଧର୍ମ ବୃଥା (ଖ୍ରୀଷ୍ଟଙ୍କୁ ପ୍ରାଧାନ୍ୟତା ନ ଦେଇ, କୌଣସି ନୀତିନିୟମ, ପ୍ରଥା କିଅବା ନେତାମାନଙ୍କ ନାମ ଧାରଣ କରିବା ଖ୍ରୀଷ୍ଟଙ୍କୁ ଅପମାନିତ କରିବା କିଅବା ପଦଚ୍ୟୁତ କରିବା । ସେ ମଣ୍ଡଳୀର ମସ୍ତକ ସ୍ୱରୂପ ଅଟନ୍ତି ସେ ତାହା ଘେନି ଅଛନ୍ତି ଓ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କରିଅଛନ୍ତି । ଖ୍ରୀଷ୍ଟଙ୍କ ବିନୁ ଖ୍ରୀଷ୍ଟଧର୍ମ, ଏକ ଧର୍ମପ୍ରଥା ନୁହେଁ ।

**- Cliffs Holmes**

❋❋❋

# ଆମ୍ଭେମାନେ କି ପରମେଶ୍ୱରଙ୍କୁ ପ୍ରେମ କରୁଅଛୁ ?
## (Do we love God)

ଆମ୍ଭେ ଖ୍ରୀଷ୍ଟିୟାନମାନେ ଅନେକ ସମୟରେ ପରମେଶ୍ୱରଙ୍କୁ ପ୍ରେମ କରିବା ବିଷୟରେ ଚର୍ଚ୍ଚା କରିଥାଉ । ପ୍ରକୃତରେ ତାହାଙ୍କୁ ପ୍ରେମ କରିବାର ଅର୍ଥ କଅଣ ? ପରମଶ୍ୱେରଙ୍କ ପ୍ରତି ଆପଣଙ୍କ ପ୍ରେମ କେବଳ ଏକ ଅନୁଭୂତି କିଅବା କେବଳ ଏକ କଳ୍ପନା ? ଆମ୍ଭେମାନେ କି ବେଳେ ବେଳେ ପ୍ରେମରେ ଥାଉଁ ଓ ବେଳେବେଳେ କି ପ୍ରେମରୁ ପତିତ ହେଉଁ ? କିଅବା ପରମେଶ୍ୱରଙ୍କ ପ୍ରତି ପ୍ରେମ କ୍ରିୟା ଜଡ଼ିତ । ଯୀଶୁ ଯୋହନ ୧୪:୧୫ ପଦରେ କହନ୍ତି, ‘‘ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ । ପ୍ରେମ କେବଳ ଏକ ଅନୁଭୂତି ନୁହେଁ, କିନ୍ତୁ ତାହାଙ୍କ ଆଜ୍ଞାପାଳନ ହିଁ ପ୍ରକୃତ ପ୍ରେମ । ନିମ୍ନଲିଖିତ କେତୋଟି ପ୍ରଶ୍ନର ଉତ୍ତରରୁ ଆମ୍ଭେମାନେ ପରମେଶ୍ୱରଙ୍କୁ କିପରି ଭାବେ ପ୍ରେମ କରୁ ବୁଝିପାରିବା ।

**ଆମ୍ଭମାନଙ୍କ ଜୀବନରେ ପରମେଶ୍ୱରଙ୍କୁ କି ପ୍ରଥମ ସ୍ଥାନ ଦେଇଅଛୁ ?**

ଆମ୍ଭେମାନେ ଯଦି ପ୍ରକୃତରେ ପରମେଶ୍ୱରଙ୍କୁ ପ୍ରଥମ ସ୍ଥାନ ଦେଇଅଛୁ, କଥାରେ ନୁହେଁ ବରଂ କର୍ମରେ ଦ୍ୱାରା ସୁସ୍ପଷ୍ଟ କରୁ । ମାଥିଉ ୬:୩୩ କହେ, ‘‘...ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର...’’ । ଅର୍ଥାତ୍, ଆମ୍ଭମାନଙ୍କ ଜୀବନରେ ସର୍ବପ୍ରଥମ ସ୍ଥାନ ପରମେଶ୍ୱରଙ୍କର । ଆମ୍ଭମାନଙ୍କ ପରିବାର, ଚାକିରୀ, ଆମୋଦପ୍ରମୋଦ ପ୍ରଭୃତି ଠାରୁ ସେ ଶ୍ରେଷ୍ଠତର ଅଟନ୍ତି ସେ ଆମ୍ଭମାନଙ୍କ ଜୀବନର ମୂଳ ଲକ୍ଷ୍ୟ । ଆମ୍ଭମାନଙ୍କ ସମସ୍ତ କାର୍ଯ୍ୟର କେନ୍ଦ୍ରବିନ୍ଦୁ ।

**ପରମେଶ୍ୱରଙ୍କୁ କି ଆମ୍ଭେମାନେ ସନ୍ତୋଷର ଉପହାର ଦେଉଅଛୁ ?**

ଆମ୍ଭେମାନେ କିପରି ଭାବେ ଦାନ ଦେଉଅଛୁ । ଆମ୍ଭମାନଙ୍କ ରୋଜଗାରରୁ କିଛି ଅଂଶ ସପ୍ତାହର ପ୍ରଥମ ଦିବସରେ ଦାନରୂପେ ଦେବା ଆମ୍ଭମାନଙ୍କ ନିମନ୍ତେ ଆଶୀର୍ବାଦର ବିଷୟ । (୧ମ କରିନ୍ଥୀ ୧୬:୧-୨) । ଆପଣା ସନ୍ତାନସନ୍ତତିମାନଙ୍କ ସୁଖମୟ ଜୀବନ ନିମନ୍ତେ ପିତାମାତାମାନେ ସମସ୍ତ ବ୍ୟୟ କରିବା ନିମନ୍ତେ କୁଣ୍ଠାବୋଧ କରନ୍ତି ନାହିଁ, କାହିଁକି ? କାରଣ ପିତାମାତାମାନେ ଆପଣା ସନ୍ତାନସନ୍ତତିମାନଙ୍କୁ ପ୍ରେମ କରନ୍ତି । କିନ୍ତୁ ପରମେଶ୍ୱରଙ୍କୁ ଦାନ ଦେବା ବିଷୟରେ କୁଣ୍ଠାବୋଧ କରନ୍ତି



କାରଣ ସେମାନଙ୍କୁ ପରମେଶ୍ୱରଙ୍କୁ ସମ୍ପୂର୍ଣ୍ଣ ହୃଦୟ ସହ ପ୍ରେମ କରନ୍ତି ନାହିଁ ।

**ଆମ୍ଭେମାନେ କି ପରମେଶ୍ୱରଙ୍କ ସହିତ ଯୋଗାଯୋଗ କରିବାରେ ଇଚ୍ଛୁକ ?**

ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ଆମ୍ଭମାନଙ୍କ ପ୍ରିୟ ସନ୍ତାନସନ୍ତତି, ବନ୍ଧୁବର୍ଗ, ସାଙ୍ଗସାଥିମାନଙ୍କ ସହିତ ଯୋଗାଯୋଗ କରୁଥାଉ । ଇ-ମେଲ୍ ଦ୍ୱାରା, ଫୋନ୍ ଦ୍ୱାରା, ବ୍ୟକ୍ତିଗତ ଭାବେ ଯୋଗାଯୋଗ କରୁଥାଉ । ତଥାପି ଅନେକେ ନିୟମିତ ଭାବେ ସ୍ୱର୍ଗୀୟ ପିତାଙ୍କ ସହିତ ପ୍ରାର୍ଥନା ଦ୍ୱାରା କଥା କହିବାରେ ଦ୍ୱିଧାବୋଧ କରନ୍ତି । ପରମେଶ୍ୱରଙ୍କ ସହିତ ଯୋଗାଯୋଗ ନ କରିବାରୁ ତାହାଙ୍କ ସହିତ ସମ୍ପର୍କ ସୁଦୃଢ଼ ରହି ନଥାଏ । ତାହାଙ୍କ ସହିତ ସତ୍‌ସମ୍ବନ୍ଧ ରଖିବା ନିମନ୍ତେ ତାହାଙ୍କ ସହିତ ନିୟମିତ ଭାବେ ଯୋଗାଯୋଗ ରଖୁ । ନଚେତ୍ ଆମ୍ଭେମାନେ ତାହାଙ୍କୁ କିପରି ପ୍ରେମ କରୁଅଛୁ ?

ଆମ୍ଭେମାନେ କି ତାହାଙ୍କ ବାକ୍ୟ ଶ୍ରବଣ କରିବାରେ ଇଚ୍ଛୁକ ?

ଅନେକେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି ବୋଲି ଦାବୀ କରନ୍ତି, କିନ୍ତୁ ତାହାଙ୍କ ବାକ୍ୟ ଶ୍ରବଣ କରନ୍ତି ନାହିଁ । ପରମେଶ୍ୱର ଆମ୍ଭମାନଙ୍କ ସହିତ ତାହଙ୍କ ବାକ୍ୟ ଦ୍ୱାରା କଥା କହନ୍ତି । ମୁଁ ଯଦି ପରମେଶ୍ୱରଙ୍କୁ ପ୍ରେମ କରେ, ତାହାଙ୍କୁ ଶ୍ରବଣ କରିବାରେ, ପଠନ କରିବାରେ, ଧ୍ୟାନ କରିବାରେ ସର୍ବଦା ଉତ୍ସୁକ ରହିବି । ମୁଁ ଈଶ୍ୱର ବାକ୍ୟ ପଠନ କଲେ ତାହାଙ୍କ ବିଷୟରେ ଅଧିକ ଭାବେ ଜ୍ଞାତ ହୋଇପାରିବି ଓ ନିକଟବର୍ତ୍ତୀ ହୋଇପାରିବି । ତାହାଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମ ବୃଦ୍ଧି ପାଇପାରିବ ।

ଆମ୍ଭେମାନେ କି ପରମେଶ୍ୱରଙ୍କୁ ପ୍ରେମ କରୁଅଛୁ ? ତାହାଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ବାକ୍ୟ ପାଳନ କରିବା, ସତ୍‌ହୃଦୟରେ ଦାନ ଦେବା, ତାହାଙ୍କ ବାକ୍ୟ ଶ୍ରବଣ କରିବା, ‘‘ସେତେବେଳେ ଶାସ୍ତ୍ରୀମାନଙ୍କ ମଧ୍ୟରୁ ଜଣେ ପାଖକୁ ଆସି ସେମାନଙ୍କର ବାଦାନୁବାଦ ଶୁଣି ଓ ସେ ଯେ ସେମାନଙ୍କୁ ଯଥାର୍ଥ ଉତ୍ତର ଦେଇଅଛନ୍ତି, ଏହା ଜାଣି ତାହାଙ୍କୁ ପଚାରିଲେ,ସମସ୍ତ ଆଜ୍ଞା ମଧ୍ୟରେ କି ପ୍ରକାର ଆଜ୍ଞା ପ୍ରଧାନ ? ଯୀଶୁ ଉତ୍ତର ଦେବେ, ପ୍ରଧାନ ଆଜ୍ଞା, ଏହି , ହେ ଇସ୍ରାଏଲ ଶୁଣ; ପ୍ରଭୁ ଆମ୍ଭମାନଙ୍କର ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି; ଆଉ, ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର ।’’ (ମାର୍କ ୧୨:୨୮-୩୦)

**- Therman Hodge**

❋❋❋

# ଆପଣ ସୁନ୍ନତ ହେବା ଆବଶ୍ୟକ
## (You must be circumcised)

ପୁରାତନ ନିୟମରେ 'ସୁନ୍ନତି' ବିଷୟରେ ପଢ଼ିପାରିଥାଉ । ପରମେଶ୍ୱର ସହିତ ସମ୍ବନ୍ଧ ବିଷୟରେ 'ସୁନ୍ନତି' ଏକ ପ୍ରଧାନ ନିୟମ ଥିଲା ।

ସଦାପ୍ରଭୁ ପରମେଶ୍ୱର ଅବ୍ରାହାମଙ୍କୁ ପ୍ରତିଜ୍ଞା କରି କହିଥିଲେ, ''ଆମ୍ଭେ ତୁମ୍ଭ ଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା ପୁଣି ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ କରିବା, ତୁମ୍ଭେ ଆଶୀର୍ବାଦର ଆକାର ହେବ ।'' ...ପୁଣି ତୁମ୍ଭେ ଏବେ ଏହି ଯେଉଁ କିଣାନ ଦେଶରେ ପ୍ରବାସ କରୁଅଛ; ତହିଁର ସମୁଦାୟ ଆମ୍ଭେ ତୁମ୍ଭକୁ ଓ ତୁମ୍ଭର ଭବିଷ୍ୟତ ବଂଶକୁ ଅନନ୍ତକାଳୀନ ଅଧିକାର ଦେବା ନିମନ୍ତେ ଦେବା ଓ ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା ।''(ଆଦି ୧୨:୨ ଓ ୧୭:୮) । ସର୍ବଶକ୍ତିମାନ ପରମେଶ୍ୱର ଅବ୍ରାହମ ସହିତ ଏକ ନିୟମ ସ୍ଥାପନ କରିଥିଲେ । 'ତୁମ୍ଭର ଓ ତୁମ୍ଭ ଭବିଷ୍ୟତ ବଂଶର ସହିତ କୃତ ଆମ୍ଭମାନଙ୍କ ଯେଉଁ ନିୟମ ତୁମ୍ଭେମାନେ ପାଳନ କରିବ ତାହା ଏହି, ତୁମ୍ଭମାନଙ୍କ ସହିତ ପୁରୁଷ ସୁନ୍ନତ ହେବ । ତୁମ୍ଭେମାନେ ଆପଣା ଆପଣାର ଲିଙ୍ଗାଗ୍ର ଚର୍ମ ଛେଦନ କରିବ; ଆଉ ତୁମ୍ଭମାନଙ୍କ ସହିତ ଆମ୍ଭ ନିୟମର ଚିହ୍ନ ହେବ ।'' (ଆଦି ୧୭:୧୦-୧୧)

ଅସୁନ୍ନତ ପୁରୁଷ ତାହାଙ୍କ ସହିତ ନିୟମରେ ଯୋଡ଼ିତ ହେବେ ନାହିଁ । ''ମାତ୍ର ଯାହାର ଲିଙ୍ଗାଗ୍ର ଚର୍ମର ଛେଦନ ହେବ ନାହିଁ, ଏପରି ଯେ ଅସୁନ୍ନତ ପୁରୁଷ, ସେ ପ୍ରାଣୀ ଆପଣା ଲୋକମାନଙ୍କର ମଧ୍ୟରୁ ଉଚ୍ଛିନ୍ନ ହେବ, ସେ ଆମ୍ଭର ନିୟମ ଲଂଘନ କଲା ।'' (ଆଦି ୮:୧୪) । ମିଶର ଦେଶରୁ ବାହାରି ଆସି ପ୍ରାନ୍ତରରେ ଯେଉଁମାନେ ଜନ୍ମ ନେଇଥିଲେ, ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବା ପୂର୍ବରୁ ସୁନ୍ନତ ହେବା ସଦାପ୍ରଭୁ ଆଜ୍ଞା ଦେଇଥିଲେ ।'' (ଯିହୋଶୂୟ ୫:୨)

ପୁରତନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପାଳନ କରୁଥିବା ଇଶ୍ରାଏଲୀମାନଙ୍କୁ ସୁନ୍ନତି ପ୍ରଥା ପ୍ରୟୋଜନୀୟ ଥିଲା । ଇଶ୍ରାଏଲ ଜାତି ବିନୁ ଏହି ପ୍ରଥା ଅନ୍ୟମାନେ ପାଳନ କରୁ



ନଥିଲେ । ଅର୍ଥାତ୍ ସେମାନେ ଆଜ୍ଞାଲଂଘନକାରୀ, ସେମାନଙ୍କ ନିମନ୍ତେ 'ସୁନ୍ନତି' ପ୍ରଥା ଅପ୍ରୟୋଜନୀୟ ।

ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ଆମ୍ଭେମାନେ ପ୍ରକୃତରେ ସୁନ୍ନତପ୍ରାପ୍ତ, ଆମ୍ଭେମାନେ ଈଶ୍ୱରଙ୍କ ଆତ୍ମାରେ ଉପାସନା କରୁ, ପୁଣି ବାହ୍ୟିକ ବିଷୟରେ ନିର୍ଭର ନ କରି ଖ୍ରୀଷ୍ଟଯୀଶୁଙ୍କ ଠାରେ ଦର୍ପ କରୁ ।'' (ଫିଲିପି ୩:୩) । କିନ୍ତୁ ଆମ୍ଭମାନଙ୍କ ସୁନ୍ନତି ଆତ୍ମୀୟ ।'' କାରଣ ବାହାରେ ଯେ ଯିହୂଦୀ, ସେ ଯିହୂଦୀ ନୁହେଁ, କିଅବା ବାହାରେ ଶରୀରରେ ଯେ ସୁନ୍ନତ, ତାହା ସୁନ୍ନତ ନୁହେଁ, କିନ୍ତୁ ଅନ୍ତରରେ ଯେ ଯିହୂଦୀ, ସେ ଯିହୂଦୀ, ପୁଣି ଆକ୍ଷରିକ ଭାବରେ ନୁହେଁ, ମାତ୍ର ଆତ୍ମିକ ଭାବରେ ହୃଦୟରେ ଯେ ସୁନ୍ନତ, ତାହା ପ୍ରକୃତ ସୁନ୍ନତ । ଏପରି ଲୋକ ମନୁଷ୍ୟମାନଙ୍କ ଠାରୁ ପ୍ରଶଂସାପ୍ରାପ୍ତ ହୁଏ ନାହିଁ, କିନ୍ତୁ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ହୁଏ ।'' (ରୋମୀୟ ୨:୨୮-୨୯)

ଖ୍ରୀଷ୍ଟିୟାନମାନେ ବାପ୍ତିସ୍ମ ଦ୍ୱାରା ପାପ ଶରୀରରୁ ମୁକ୍ତ ହୋଇଅଛନ୍ତି । ଆହୁରି ମଧ୍ୟ ତୁମ୍ଭେମାନେ ଶାରୀରିକ ସ୍ୱଭାବ ତ୍ୟାଗ କରି ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୋଇ ଅହସ୍ତକୃତ ସୁନ୍ନତରେ ଅର୍ଥାତ୍ ଖ୍ରୀଷ୍ଟୀୟ ସୁନ୍ନତରେ ସୁନ୍ନତ ପ୍ରାପ୍ତ ହୋଇଅଛ, ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇ,ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟ ସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉଥାପିତ ହୋଇଅଛ ।'' (କଲସୀ ୨:୧୧-୧୩)

ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀଷ ସକଳ ପ୍ରାପ୍ତ ହେବା ନିମନ୍ତେ ପ୍ରତ୍ୟେକଙ୍କୁ ବାପ୍ତିସ୍ମ ରୂପ ସୁନ୍ନତରେ ସୁନ୍ନତିପ୍ରାପ୍ତ ହେବା ଆବଶ୍ୟକ । ନଚେତ୍ ସ୍ୱର୍ଗୀୟ ନିବାସରୁ ବିଚ୍ଛିନ୍ନ ହେବେ ।

**- Gary C Hampton**

❋❋❋

# ''ଯେବେ ପ୍ରାର୍ଥନା ଘୃଣାର ବିଷୟ ହୁଏ''
## (When Prayer is an Abomination)

''ପାପୀଙ୍କ ପ୍ରାର୍ଥନା'' କରି ଯୀଶୁଖ୍ରୀଷ୍ଟଙ୍କ ଆପଣା ହୃଦୟରେ ଆହ୍ୱାନ କରନ୍ତୁ ବୋଲି ଅନେକେ ପ୍ରଚାର କରିଥାନ୍ତି । ଅବଶ୍ୟ ଏହି ସୂତ୍ର ବାଇବଲରେ ଲେଖାଯାଏ ନାହିଁ । ଯେଉଁମାନେ ଏହି ନିୟମରେ ବିଶ୍ୱାସ କରନ୍ତି, ସେମାନେ ଜ୍ଞାନୀ ଶଲୋମନଙ୍କ ଚେତାବନୀରେ ଭ୍ରୂକ୍ଷେପ କରନ୍ତି ନାହିଁ । ହିତ ୨୮:୯ରେ ସେ ଲେଖନ୍ତି,''ଯେଉଁ ଲୋକ ବ୍ୟବସ୍ଥା ଶୁଣିବାରୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନ ହିଁ ଘୃଣାର ବିଷୟ ହୁଏ ।'' ନୂତନ ନିୟମରେ ଯୀଶୁଖ୍ରୀଷ୍ଟ, କିଅବା ପ୍ରେରିତମାନେ 'ପାପୀ'ଙ୍କ ପ୍ରାର୍ଥନା ଦ୍ୱାରା ପରିତ୍ରାଣ ପ୍ରପା୍ତ ହୋଇପାରୁ ବୋଲି ଆଦେଶ ଦେଇନାହାନ୍ତି, ଯେଉଁମାନେ ଏପରି ଶିକ୍ଷା ଦିଅନ୍ତି, ସେମାନେ ମନୁଷ୍ୟମାନଙ୍କୁ ଭ୍ରାନ୍ତ କରୁଅଛନ୍ତି । ମନୁଷ୍ୟମାନଙ୍କୁ ଭ୍ରାନ୍ତ ଶିକ୍ଷା ଦେବା ପ୍ରଚାରକମାନେ ନିଶ୍ଚିତ ଭାବେ ଦଣ୍ଡିତ ହେବେ ।

ପ୍ରିୟ ବନ୍ଧୁ, ପାପକ୍ଷମା ନିମନ୍ତେ ସୁସମାଚାରର ଆଜ୍ଞାବହ ହୁଅ । ଆପଣ ତାହାଙ୍କ ସ୍ଥାପିତ ମଣ୍ଡଳୀରେ ଜଡ଼ିତ ହେବେ । ଆପଣଙ୍କ ପଆର୍ଥନା ଘୃଣାର ବିଷୟ ହେବ ନାହିଁ । ଏକ ଈଶ୍ୱରଙ୍କ ସନ୍ତାନ ରୂପେ ଆପଣ ମଧ୍ୟ, ''ହେ ମୋହର ସ୍ୱର୍ଗସ୍ଥ ପିତା ବୋଲି ତାହାଙ୍କ ଠାରେ ପ୍ରାର୍ଥନା କରିପାରିବେ ।ଆପଣ କି ଆପଣଙ୍କ ପ୍ରାର୍ଥନା ପରମେଶ୍ୱର ଶୁଣନ୍ତୁ ବୋଲି ଇଚ୍ଛା କରନ୍ତି ନାହିଁ ।

**- Ernest S. Underwood**

❋❋❋



# ସୁମଧୁର ସହଭାଗିତା
## (Sweet Fellowship)

ଖ୍ରୀଷ୍ଟଙ୍କ ଠାରେ ଜୀବନଯାପନ କରିବାର ଆଶୀଷ ସକଳରୁ 'ସହଭାଗିତା' ଅନ୍ୟତମ । ଯେଉଁମାନେ 'ସହଭାଗିତା'ର ଆଶୀଷ ଉପଭୋଗ କରନ୍ତି, ସେମାନେ ତାହାର ସୁମଧୁରତା ବିଷୟରେ ଜ୍ଞାତ ଅଟନ୍ତି । ପରମେଶ୍ୱରଙ୍କ ଠାରୁ ଆମ୍ଭେମାନେ ବିଭିନ୍ନ ଭାବେ ଓ ବିଭିନ୍ନ ସ୍ତରରେ ଆଶୀର୍ବାଦ ପାଇଥାଉ । ସହଭାଗିତାର ପ୍ରକୃତ ଅର୍ଥ ଜାଣିବା ପୂର୍ବେ, ପରମେଶ୍ୱରଙ୍କ ଉତ୍ତମତାର ସ୍ତର ବୁଝିବା । ଭୂଗୋଳର ଯେପରି ବିଭିନ୍ନ ସ୍ତର ଥାଏ, ଆମ୍ଭମାନଙ୍କ ଚର୍ମରେ ଯେପରି ସ୍ତର ସ୍ତରରେ ଥାଏ, ପରମେଶ୍ୱରଙ୍କ ଉତ୍ତମତା ମଧ୍ୟ ସ୍ତର ସ୍ତରରେ ଥାଏ । (୧) ତାହାଙ୍କ ଦ୍ୱାରା ସୃଷ୍ଟ ସମସ୍ତ ପ୍ରାଣୀ, ସମସ୍ତ ମାନବ ସମାଜ ଉପରେ ତାହାଙ୍କ କୃପା ଥାଏ । ଦ୍ୱିତୀୟ ସେ ଜାଗତିକ ଭାବେ ଆଶୀର୍ବାଦ କରନ୍ତି । ଏହି ଜଗତରେ ଜୀବନଯାପନ କରିବା ନିମନ୍ତେ ସେ ଆବଶ୍ୟକୀୟ ବିଷୟ ସବୁ ପ୍ରଦାନ କରନ୍ତି । ବିଭିନ୍ନ ବର୍ଗର ମନୁଷ୍ୟମାନଙ୍କ ବିଭିନ୍ନ ଭାବେ ଆଶୀର୍ବାଦ କରିଥାନ୍ତି । ଖ୍ରୀଷ୍ଟିୟାନ ଅବା ଅଖ୍ରୀଷ୍ଟିୟାନ ପ୍ରତ୍ୟେକଙ୍କୁ ସେ ଭୌତିକ ଭାବେ ଆଶୀର୍ବାଦ କରନ୍ତି । ତୃତୀୟରେ, ସେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କ ଦ୍ୱାରା ପାପମୋଚନ କରି, ଆମ୍ଭମାନଙ୍କୁ ଗ୍ରହଣ କରିଅଛନ୍ତି । ଏହା ବାଇବଲର ବାକ୍ୟାନୁଯାୟୀ 'ସହଭାଗିତା' ।

'ସହଭାଗିତା' ଓ 'ପ୍ରେମ' ଏକ ନୁହେଁ । ପରମେଶ୍ୱର ସମସ୍ତ ମାନବ ସମାଜକୁ ପ୍ରେମ କରନ୍ତି । କିନ୍ତୁ ଆଜ୍ଞାଲଂଘନ ହେତୁ, ତାହାଙ୍କ ଠାରୁ ଦୂରେଇ ଯିବା ଲୋକମାନଙ୍କ ସେ 'ସହଭାଗିତା' କରନ୍ତି ନାହିଁ । 'ସହଭାଗିତା' ଓ 'ଦୟାନୁତ' ସମାନ ନୁହେଁ । ପରମେଶ୍ୱର ପ୍ରତ୍ୟେକ ପ୍ରାଣୀ ଉପରେ ଦୟା କରନ୍ତି । ପିତା ପରମେଶ୍ୱରଙ୍କ ତୁଲ୍ୟ ଆମ୍ଭେମାନେ ଦୟାବାନ ହେବା ନିମନ୍ତେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ କହିଅଛନ୍ତି । 'ସହଭାଗିତା' ଓ 'ମିତ୍ରତା' ସମତୁଲ୍ୟ ନୁହେଁ । ପରମେଶ୍ୱରଙ୍କ ଠାରୁ ଦୂରେଇ ଯାଇଥିବା 'ମିତ୍ର' ମାନଙ୍କ ସହିତ ଉତ୍ତମ ସମ୍ବନ୍ଧ ରଖିଥାଉ । କେବଳ ପରମେଶ୍ୱର 'ସହଭାଗିତା'

ପ୍ରଦାନ କରିପାରନ୍ତି କାରଣ ସେ ପାପମୋଚନ କରନ୍ତି । ସେ ଆପଣା ସର୍ତ୍ତନୁଯାୟୀ ପାପମୋଚନ କରନ୍ତି । 'ସହଭାଗିତା' ପରମେଶ୍ୱରଙ୍କ ପ୍ରଦତ୍ତ ତାହା ଅମୂଲ୍ୟ ଅଟେ ।

ଯଦି ଆପଣ ପରମେଶ୍ୱରଙ୍କ ସହିତ 'ସହଭାଗିତା'ରେ ନାହାନ୍ତି, ତାହାଙ୍କ ନିକଟକୁ ଫେରି ଆସନ୍ତୁ । ତାହାଙ୍କ ଅନ୍ୱେଷଣ କଲେ, ସେ ଆପଣଙ୍କୁ ତାହାଙ୍କ ଇଚ୍ଛା, ତାହାଙ୍କ ଅନୁଗ୍ରହ ଓ ତାହାଙ୍କ ସର୍ତ୍ତ ଜ୍ଞାତ କରାଇବେ । ତାହାଙ୍କ ସହଭାଗିତାରେ ବିଶ୍ୱସ୍ତ ଜୀବନଯାପନ କରନ୍ତୁ । କିନ୍ତୁ ସେ ଯେପରି ଜ୍ୟୋର୍ତିନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।'' (୧ମ ଯୋହନ ୧:୭)

ଆମ୍ଭେମାନେ ନିରନ୍ତର ପରମେଶ୍ୱରଙ୍କ ସହିତ ସତ୍‌ସମ୍ବନ୍ଧ ରଖୁ । ପରମେଶ୍ୱରଙ୍କ ସହିତ ସତ୍‌ସମ୍ବନ୍ଧ ରଖିଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ସହିତ ସହଭାଗିତା ଆମ୍ଭମାନଙ୍କ ଇହଜୀବନ ଓ ପରଜୀବନ ସୁଖପ୍ରଦ ଦାୟକ ହୋଇଥାଏ । ଏପରି ସହଭାଗିତା ସୁମଧୁର ହୋଇଥିବାରୁ, ଆସ ଆମ୍ଭେ ଏହି ସହଭାଗିତାକୁ ଅନ୍ୟମାନଙ୍କୁ ନିମନ୍ତ୍ରଣ କରୁ । ''....ତାହା ତୁମ୍ଭମାନଙ୍କ ଜଣାଇଅଛୁ, ଯେପରି ତୁମ୍ଭମାନଙ୍କର ମଧ୍ୟ ଆମ୍ଭମାନଙ୍କ ସହଭାଗିତା ପିତା ଓ ତାହାଙ୍କର ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସହିତ ଅଛି ।'' (୧ମ ଯୋହନ ୧:୩) । ଆତ୍ମିକ ସହଭାଗିତା ଆମ୍ଭମାନଙ୍କ ନିମନ୍ତେ ସୌଭାଗ୍ୟର ବିଷୟ । ଏତଦ୍ୱାରା ଆମ୍ଭେମାନେ ଆତ୍ମିକ ଭାବେ ଆଶୀଷିତ ହୋଇପାରୁ ।

**- Dan R. Owen**

❋❋❋



# ପରମେଶ୍ୱରଙ୍କ ବ୍ୟବସ୍ଥା
## (God's Law)

ସୀନୟ ପର୍ବତ ଉପରେ ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ବ୍ୟବସ୍ଥା ଦେଇଥିଲେ । ଏହି ବ୍ୟବସ୍ଥା 'ଦଶ ଆଜ୍ଞା' ରୂପେ ଆମ୍ଭେ ଜାଣୁ । ଯାତ୍ରା ୨୦:୧ । ସଦାପ୍ରଭୁ କହନ୍ତି :

୧) ''...ତୁମ୍ଭର ସେହି ସଦାପ୍ରଭୁ ପରମେଶ୍ୱର ଆମ୍ଭେ ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।''
୨) ''ତୁମ୍ଭେ ଅପାଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ ...କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ ।''
୩) ''ତୁମ୍ଭେ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ମିଥ୍ୟାରେ ନେବ ନାହିଁ ।''
୪) ''ବିଶ୍ରାମ ଦିନ ପବିତ୍ର ରୂପେ ପାଳନ କରିବାକୁ ସ୍ମରଣ କର ।''
୫) ''ତୁମ୍ଭେ ଅପାଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର ।''
୬) ''ତୁମ୍ଭେ ନରହତ୍ୟା କରିବ ନାହିଁ ।''
୭) ''ତୁମ୍ଭେ ବ୍ୟଭିଚାର କରିବ ନାହିଁ ।''
୮) ''ତୁମ୍ଭେ ଚୋରି କରିବ ନାହିଁ ।''
୯) ''ତୁମ୍ଭେ ଆପଣା ପ୍ରତିବାସୀ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେବ ନାହିଁ ।''
୧୦) ''....ତୁମ୍ଭେ କୌଣସି ବସ୍ତୁକୁ ଲୋଭ କରିବ ନାହିଁ ।''

୩୫୦୦ ବର୍ଷ ପୂର୍ବେ ସଦାପ୍ରଭୁ ମୋଶାଙ୍କୁ ଇଶ୍ରାଏଲ ଜାତି ନିମନ୍ତେ ଦେଇଥିଲେ । ଯଦିଓ ଆମ୍ଭେମାନେ ଏହି ବ୍ୟବସ୍ଥାଧିନ ନୋହୁଁ, ଏକ ଆଜ୍ଞା ବ୍ୟତୀତ ଅନ୍ୟ ସମସ୍ତ ଆଜ୍ଞା ନୂତନ ନିୟମରେ ଦତ୍ତ ହୋଇଅଛି ।

❋❋❋

**Edited & Published by : Kabita & Joshua Gootam**